# NATIONAL NEWS BULLETIN (ODIA)

## 3 May - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗର ଫାଲ୍‌ଟା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମ୍ପୂର୍ଣ୍ଣ ମତଦାନ ପ୍ରକ୍ରିୟାକୁ ବାତିଲ କଲେ ନିର୍ବାଚନ କମିଶନ ।

- ଆସନ୍ତା ୨୧ତାରିଖରେ ହେବ ପୁନଃ ମତଦାନ ।

- ସେଲ୍ ପ୍ରସାରଣ ବ୍ୟବସ୍ଥା ବିପର୍ଯ୍ୟୟ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବ କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଲେବାନନ୍‌ରେ ଇସ୍ରାଏଲର ବିମାନ ଆକ୍ରମଣରେ ୧୩ଜଣଙ୍କ ମୃତ୍ୟୁ ।
- ଡାକ୍ତରୀ ଶିକ୍ଷାରେ ନାମଲେଖା ପାଇଁ ଦେଶରେ ଆଜି ଅନୁଷ୍ଠିତ ହେବ ନିଟ୍ ୟୁଜି ପରୀକ୍ଷା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ୮ ଓ୍ୱିକେଟ୍‌ରେ ପରାସ୍ତ କଲା ଚେନ୍ନାଇ ସୁପର କିଙ୍ଗ୍‌ସ ।

# ଇସି-ଫାଲ୍ଟା ରିପୋଲିଂ

ନିର୍ବାଚନ କମିଶନ ପଶ୍ଚିମବଙ୍ଗର ଦକ୍ଷିଣ ଚବିଶପ୍ରଗଣା ଜିଲ୍ଲାର ଫାଲ୍ଟା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସଂପୂର୍ଣ୍ଣ ଭୋଟ୍ ପ୍ରକ୍ରିୟାକୁ ବାତିଲ କରିଛନ୍ତି । ସେଠାରେ ସହାୟକ ବୁଥ୍ ସମେତ ସମସ୍ତ ୨୮୫ଟି ମତଦାନ କେନ୍ଦ୍ରରେ ଚଳିତମାସ ୨୧ ତାରିଖରେ ପୁଣିଥରେ ମତଦାନ ଅନୁଷ୍ଠିତ ହେବ । ମଇ ୨୪ ତାରିଖରେ ଭୋଟ୍‌ଗଣନା କରାଯିବ । ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ଗତମାସ ୨୯ ତାରିଖରେ ସେଠାରେ ମତଦାନ ସମୟରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଦେଖାଦେଇଥିଲା । ପର୍ଯ୍ୟବେକ୍ଷକମାନଙ୍କ ଠାରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଇଭିଏମ୍‌ରେ ଟାମ୍ପରିଂ କରାଯିବା ସହ ଭୋଟରମାନଙ୍କୁ ଭୟଭୀତ କରାଯାଇଥିଲା । ଅନେକଗୁଡ଼ିଏ ବୁଥ୍‌ରେ ବାଲାଟ ୟୁନିଟ୍‌ର ବଟମଗୁଡ଼ିକ ଉପରେ କଳାରଙ୍ଗର ଟେପ୍ ଲଗାଯାଇଥିଲା । ଯାହାଫଳରେ ସଠିକ୍ ଭାବରେ ମତଦାନ ସମ୍ଭବ ହୋଇନଥିଲା । କେତେକ ବୁଥ୍‌ରେ ବଳପୂର୍ବକ ଭାବେ ଲୋକମାନେ ପ୍ରବେଶ କରି ଅନ୍ୟମାନଙ୍କ ପାଇଁ ଭୋଟ୍ ଦେଉଥିବା ଜଣାପଡିଥିଲା ।

# ତାମିଲନାଡୁ କାଉଣ୍ଟିଂ ଆରେଞ୍ଜମେଣ୍ଟ

ତାମିଲନାଡୁରେ ଆସନ୍ତାକାଲି ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନର ଭୋଟ୍‌ଗଣନା କରାଯିବ । ସକାଳ ୮ଟାରୁ ନିର୍ଦ୍ଧାରିତ ୭୨ଟି ଗଣନାକେନ୍ଦ୍ରରେ ଭୋଟ୍‌ଗଣତି ହେବ । ଏହି କାର୍ଯ୍ୟରେ ୧୦ହଜାର ୫୪୫ଜଣ ଗଣନା ଅଧିକାରୀଙ୍କୁ ନିୟୋଜନ କରାଯାଇଛି । ଗଣନା କାର୍ଯ୍ୟ ତଦାରଖ କରିବା ଲାଗି ନିର୍ବାଚନ କମିଶନ ୪ହଜାର ୭୨୪ଜଣ ମାଇକ୍ରୋ ଅବଜରଭର ନିଯୁକ୍ତ କରିଛନ୍ତି । ସେମାନଙ୍କ ମଧ୍ୟରେ ୨୩୪ଜଣ କାଉଣ୍ଟିଂ ଅବଜରଭର ଅଛନ୍ତି । ପ୍ରତ୍ୟେକ ବିଧାନସଭା ଆସନ ପାଇଁ ଜଣେ କାଉଣ୍ଟିଂ ଅବଜରଭର ଗଣନା କାର୍ଯ୍ୟର ତଦାରଖ କରିବେ । ଗଣନାକାର୍ଯ୍ୟକୁ ଦୃଷ୍ଟିରେ ରଖି ତାମିଲନାଡୁରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଗଣନା ଦାୟିତ୍ୱରେ ଥିବା ପ୍ରତ୍ୟେକ ଅଧିକାରୀଙ୍କୁ ଫଟୋ ସମ୍ବଳିତ ଚିହ୍ନଟପତ୍ର ଓ କ୍ୟୁ-ଆର୍ କୋର୍ଡ ପ୍ରଦାନ କରାଯାଇଛି । ଗଣନା କେନ୍ଦ୍ରର ୧୦୦ ମିଟର ପରିଧିକୁ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସାମିଲ କରାଯାଇଥିବାବେଳେ ରାଜ୍ୟ ସଶସ୍ତ୍ର ପୋଲିସକୁ ଦ୍ୱିତୀୟ ପ୍ରବେଶ ଦ୍ୱାର ନିକଟରେ ମୁତୟନ କରାଯାଇଛି । ଗଣନା କକ୍ଷ ଏବଂ ଇଭିଏମ୍ ଷ୍ଟ୍ରଙ୍ଗ

ରୁମ୍‌ରେ ସୁରକ୍ଷା ଦାୟିତ୍ୱ କେନ୍ଦ୍ରୀୟ ସୁରକ୍ଷା ବଳଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟ ପୋଲିସ ସମେତ କେନ୍ଦ୍ରୀୟ ସୁରକ୍ଷା ବଳ ୬୫ କମ୍ପାନୀ ମୁତୟନ କରାଯାଇଛି । ତାମିଲନାଡୁରେ ୪ କୋଟି ୮୭ଲକ୍ଷ ୯୮ହଜାର ୮୩୩ ଜଣ ଭୋଟ୍ ଦେଇଥିବାବେଳେ ୮୫ ଦଶମିକ ୧/୦ ପ୍ରତିଶଥ ମତଦାନ ହୋଇଛି । ୨ କୋଟି ୫୨ଲକ୍ଷ ଅଣଷଠୀ ହଜାର ୫୯୬ଜଣ ମହିଳା ମତଦାନ କରିଥିବାବେଳେ ୨ କୋଟି ୩୫ଲକ୍ଷ ୩୪ହଜାର ୭୨୦ଜଣ ପୁରୁଷ ଓ ୪ହଜାର ୫୧୭ଜଣ ତୃତୀୟଲିଙ୍ଗୀ ଭୋଟର ମତଦାନ କରିଛନ୍ତି ।

## ସେଲ ବ୍ରଡକାଷ୍ଟ ସିଷ୍ଟମ

ସେଲ୍ ପ୍ରସାରଣ ବ୍ୟବସ୍ଥା ଏବଂ ସାଧାରଣ ସତର୍କତା ଜାରି କରିବା ଭଳି ପ୍ରଯୁକ୍ତି ବିଦ୍ୟା ଆଧାରିତ ବ୍ୟବସ୍ଥା ବିପର୍ଯ୍ୟୟ ପ୍ରସ୍ତୁତିକୁ ମଜଭୁତ କରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଗତକାଲି ଦେଶରେ ସେଲ୍ ପ୍ରସାରଣ ବ୍ୟବସ୍ଥା ଆରମ୍ଭ ହେବା ପରେ ଶୁଭେଚ୍ଛା ଜଣାଇ ଶ୍ରୀ ଶାହା କହିଛନ୍ତି ଏହି ବ୍ୟବସ୍ଥା ସମୟୋଚିତ ଏବଂ ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟ କରିବ ।

କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ଏହି ବାର୍ତ୍ତା ପାଉଥିବା ନାଗରିକ ଭୟଭୀତ ହେବାର କୌଣସି କାରଣ ନାହିଁ । ପ୍ରଯୁକ୍ତିବିଦ୍ୟା ଆଧାରିତ ମୋବାଇଲ୍ ମାଧ୍ୟମରେ ପରୀକ୍ଷାମୂଳକ ଭାବେ ବିପର୍ଯ୍ୟୟ ସତର୍କତା ନେଇ ଏଭଳି ବାର୍ତ୍ତା ପ୍ରଦାନ କରାଯାଇଛି । ଦୂରସଂଚାର ବିଭାଗ ଦ୍ୱାରା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ଏହି ବ୍ୟବସ୍ଥାର ବିକାଶ କରାଯାଇଛି । ସୁନାମି, ଭୂମିକମ୍ପ, ବଜ୍ରପାତ, ଗ୍ୟାସ୍‌ଲିକ୍ ଏବଂ ରାସାୟନିକ ବିପଦ ଭଳି ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ଲୋକମାନଙ୍କୁ ଦ୍ରୁତଗତିରେ ସତର୍କ କରାଇବା ଲାଗି ଏହି ବ୍ୟବସ୍ଥା ଗ୍ରହଣ କରାଯଇଛି । ଭାରତର ସମସ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହା କାର୍ଯ୍ୟକାରୀ ହୋଇଛି ।

## ପିଏମ୍-ନୀତି ମେଣ୍ଟର

ନୀତି ଆୟୋଗର ପୂର୍ଣ୍ଣକାଳୀନ ସଦସ୍ୟଭାବେ ନିଯୁକ୍ତ ହୋଇଥିବା ଡକ୍ଟର ଆର୍. ବାଲସୁବ୍ରମଣ୍ୟମ ଏବଂ ଡକ୍ଟର ଜୋରାମ ଆନିଆଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ

ପ୍ରଧାନମନ୍ତ୍ରୀ କହିଛନ୍ତି ଉଭୟ ସଦସ୍ୟଙ୍କ ଅଭିଜ୍ଞତା ଏବଂ ବୁଝାମଣା ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ସହାୟକ ହେବ । ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅବଦାନ ନବସୃଜନ ଏବଂ ଅଭିବୃଦ୍ଧିକୁ ଆଗେଇ ନେବ ବୋଲି ଶ୍ରୀ ମୋଦୀ କହିଛନ୍ତି । କ୍ୟାବିନେଟ୍ ସଚିବାଳୟ ପକ୍ଷରୁ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତିରେ ଡକ୍ଟର ବାଲସୁବ୍ରମଣ୍ୟମ ଏବଂ ଡକ୍ଟର ଆନିଆଙ୍କ ନିଯୁକ୍ତି ବିଷୟ ପ୍ରକାଶ ପାଇଛି ।

## ଇସ୍ରାଏଲ ଏୟାର ଷ୍ଟ୍ରାଇକ୍ ଲେବାନନ୍

ଲେବାନନ୍‌ରେ ଇସ୍ରାଏଲର ବିମାନ ଆକ୍ରମଣ ଯୋଗୁଁ ୪ଜଣ ମହିଳା ଏବଂ ଜଣେ ଶିଶୁଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଛି । ଏହି ଆକ୍ରମଣରେ ଅନେକ ଆହତ ହୋଇଥିବା ଲେବାନନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି । ସେଠାକାର ପ୍ରଶାସନ ଅଧିକାରୀଙ୍କ ସୂଚନା ଅନୁଯାୟୀ ଇସ୍ରାଏଲ ସେନା ଲେବାନନ୍‌ର ସୀମାନ୍ତ ଅଞ୍ଚଳରେ ଥିବା ଏକ କାଥୋଲିକ୍ କନ୍ୟାଶ୍ରମର କିଛି ଅଂଶ ନଷ୍ଟ କରିଦେଇଛନ୍ତି । ଇସ୍ରାଏଲ ସେନା ପକ୍ଷରୁ ଲେବାନନ୍‌ର ଦକ୍ଷିଣାଞ୍ଚଳର ୯ଟି ଗାଁର ବାସିନ୍ଦାଙ୍କୁ ଅନ୍ୟତ୍ର ପଳାଇଯିବାଲାଗି ଚେତାବନୀ ଦେଇଛନ୍ତି । ଗତମାସ ୧୭ ତାରିଖରୁ ଆମେରିକା ମଧ୍ୟସ୍ଥତାରେ ଯୁଦ୍ଧବିରତି ସତ୍ତ୍ୱେ ଇସ୍ରାଏଲ ସେନା ଏବଂ

ଲେବାନନ୍‌ର ଆତଙ୍କବାଦୀ ହିଜ୍‌ବୁଲ୍ଲା ଗୋଷ୍ଠୀ ଆକ୍ରମଣ ପ୍ରତିଆକ୍ରମଣ ଜାରି ରଖିଛନ୍ତି ।

ଲେବାନନ୍‌ର କାଥୋଲିକ୍ ଚର୍ଚ୍ଚରେ ଭଙ୍ଗାରୁଜା କରିବା ଦାବିକୁ ଇସ୍ରାଏଲ ପ୍ରତ୍ୟାଖାନ କରିଛି । ଇସ୍ରାଏଲ ସେନା କହିଛି ସଂପୃକ୍ତ କୋଠା ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା । ସେଠାରେ କେବଳ ୨ଜଣ ନନ୍ ରହୁଥିଲେ ବୋଲି ଇସ୍ରାଏଲ କହିଛି ।

# ଜର୍ମାନୀ-ୟୁଏସ୍ ଟକ୍‌ସ

ଜର୍ମାନୀରେ ଆମେରିକା ତା'ର ସୈନ୍ୟ ଉପସ୍ଥିତିକୁ ବହୁ ପରିମାଣରେ ହ୍ରାସ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ପ୍ରାୟ ୫ ହଜାର ସୈନିକଙ୍କୁ ଜର୍ମାନୀରୁ ଫେରାଇ ଅଣାଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଜର୍ମାନୀର ପ୍ରତିରକ୍ଷାମନ୍ତ୍ରୀ ବୋରିସ୍ କ୍ରିଷ୍ଟୋରିୟସ କହିଛନ୍ତି ଆମେରିକାର ସୈନ୍ୟ ହ୍ରାସ ପରେ ଜର୍ମାନୀ ତା'ର ସାମରିକ ଭିତ୍ତିଭୂମି ବିସ୍ତାର କରିବା ପାଇଁ ଯୋଜନା ରହିଛି । ଜର୍ମାନୀରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା ଲକ୍ଷଲକ୍ଷ ସୈନ୍ୟ ନିୟୋଜିତ କରିଥିଲା । ଏବେ ଜର୍ମାନୀରେ ୩୬ହଜାରରୁ ଅଧିକ ଆମେରିକା ସୈନ୍ୟ ଥିବାବେଳେ

ଇଟାଲୀରେ ୧୨ହଜାର ଓ ବ୍ରିଟେନ୍‌ରେ ୧୦ହଜାର ସୈନ୍ୟ ମୁତୟନ ଅଛନ୍ତି ।

## ନିଟ୍ ଏକ୍ସାମ

ସ୍ନାତକ ଡାକ୍ତରୀ ଶିକ୍ଷାରେ ନାମଲେଖା ପାଇଁ ଆଜି ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା-ନିଟ୍ ଅନୁଷ୍ଠିତ ହେବ । ଅପରାହ୍ଣ ୨ଟାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ଏହି ପରୀକ୍ଷା କରାଯିବ । ନିଟ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପରୀକ୍ଷାର୍ଥୀମାନେ ଅପରାହ୍ଣ ଗୋଟାଏ ୩୦ ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷା କେନ୍ଦ୍ର ମଧ୍ୟକୁ ପ୍ରବେଶ କରିପାରିବେ । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଶିକ୍ଷା ମନ୍ତ୍ରଣାଳୟର ଅନୁମୋଦନ ଅନୁଯାୟୀ ଦେଶରେ ସ୍ନାତକ  ଡାକ୍ତରୀ ଶିକ୍ଷାରେ ନାମଲେଖା ନିମନ୍ତେ ୨୦୧୯ ମସିହାରୁ ଜାତୀୟ ପରୀକ୍ଷା ଏଜେନ୍ସି ଏନ୍‌ଟିଏ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷା ଆୟୋଜନ କରୁଛି । ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷଣ ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ପରୀକ୍ଷାର୍ଥୀମାନେ ସେମାନଙ୍କ

ଆଡମିଟ୍ କାର୍ଡ ସହ ଭୋଟର ପରିଚୟପତ୍ର, ଆଧାର କାର୍ଡ କିମ୍ବା ରାସନ କାର୍ଡ ଭଳି ଗୋଟିଏ ମୂଳ ଫଟୋ ପରିଚୟ ପ୍ରମାଣପତ୍ର ନେବାକୁ ପଡିବ ।

## ରାଜନାଥ-ସୌର୍ଯ୍ୟ ସଂଧ୍ୟା

ଦେଶରୁ ଆତଙ୍କବାଦକୁ ଦୂର କରିବା ଲାଗି ଅପରେସନ ସିନ୍ଦୂରକୁ ମୋଦୀ ସରକାରଙ୍କ ଅଟଳ ସଂକଳ୍ପର ପ୍ରତିଫଳନ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଶ୍ରୀ ସିଂହ କହିଛନ୍ତି ଏହି ଅଭିଯାନ ସମୟରେ ସଶସ୍ତ୍ର ବାହିନୀର ଅତୁଳନୀୟ ବୀରତ୍ୱ ଭାରତୀୟ ସାମରିକ ଇତିହାସରେ ସୁବର୍ଣ୍ଣ ଅଧ୍ୟାୟ ଭାବେ ଚିହ୍ନିତ ହୋଇଛି । ଅପରେସନ ସିନ୍ଦୂରର ପ୍ରଥମ ବାର୍ଷିକୀ ପୂର୍ବରୁ ଗତକାଲି ନୂଆଦିଲ୍ଲୀରେ ଆୟୋଜିତ ସୌର୍ଯ୍ୟ ନାମକ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ସିଂହ କହିଛନ୍ତି ଗତବର୍ଷ ଏପ୍ରିଲ ୨୨ରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଜବାବରେ ମଇ ମାସ ୭ ତାରିଖରେ ଅପରେସନ ସିନ୍ଦୂର ଆରମ୍ଭ ହୋଇଥିଲା । ଏହି ଅଭିଯାନ ଜରିଆରେ ପାକିସ୍ତାନରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଭାରତୀୟ ସେନା ନଷ୍ଟ କରିବା ସହ ୪ ଦିନ ଧରି ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଥିଲା । ମଇ ୧୦ରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ପାଇଁ ବୁଝାମଣା ହୋଇଥିଲା ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛ୍‌ତି ।

**V/O**

ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ଦେଶର ସଶସ୍ତ୍ର ବାହିନୀ ଯୁଦ୍ଧକ୍ଷେତ୍ର ଏବଂ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ଲୋକଙ୍କୁ ସେବା ଯୋଗାଇଦେବା କ୍ଷେତ୍ରରେ ଅଦମ୍ୟ ସାହସ ପ୍ରଦର୍ଶନ କରିଛନ୍ତି । କାର୍ଯ୍ୟକ୍ରମରେ ପ୍ରତିରକ୍ଷା ବିଭାଗ ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ ଯୋଗ ଦେଇଥିଲେ ।

## ଆଇପିଏଲ୍-କ୍ରିକେଟ

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଚେନ୍ନାଇର ଏମ୍.ଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ୮ ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ଶହେ ଅଣଷଠୀ ରନ୍ ସ୍କୋର କରିଥିଲା । ଜବାବରେ ଚେନ୍ନାଇ ସୁପର କିଙ୍ଗ୍‌ସ ୧୮ଓଭର ଗୋଟିଏ ବଲ୍‌ରେ ୨ ୱିକେଟ୍ ବିନିମୟରେ ୧୬୦ ରନ୍ ସଂଗ୍ରହ କରିଥିଲା । ଆଜିସୁଦ୍ଧା ପଏଣ୍ଟ ଟେବୁଲରେ ୮ଟି ମ୍ୟାଚ୍‌ରୁ ୧୩ ପଏଣ୍ଟ ସହ ପଞ୍ଜାବ କିଙ୍ଗ୍‌ସ ଶୀର୍ଷରେ ରହିଥିବାବେଳେ ୧୨ ପଏଣ୍ଟ ସହ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱିତୀୟ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ତୃତୀୟ ସ୍ଥାନରେ ରହିଛନ୍ତି ।

ଆଜି ଆଇପିଏଲ୍ କ୍ରିକେଟ୍‌ରେ ୨ଟି ମ୍ୟାଚ୍ ଖେଳାଯିବ । ଅପରାହ୍ଣ ୩ଟା ୩୦ରେ ହାଇଦ୍ରାବାଦର ରାଜୀବଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ କୋଲକାତା ନାଇଟ୍ ରାଇଡର୍ସ ଓ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗୁଜୁରାଟ ଟାଇଟନ୍ସ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

# ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ ତଥା ଦକ୍ଷିଣରେ କେରଳ, ତାମିଲନାଡୁ ଆଦି ରାଜ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ଅନୁମାନ କରିଛି । ସେହିଭଳି ଓଡ଼ିଶା, ପଞ୍ଜାବ, ହରିୟାଣା, ଚଣ୍ଡିଗଡ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ସମେତ ଅନ୍ୟକେତେକ ରାଜ୍ୟରେ ମଧ ଆସନ୍ତା ୨ ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି ।